# ରାଧା ତତ୍ତ୍ୱ - ୧




ରାଧାରାଣୀଙ୍କର ଜୟ!
ଆଜି ଉତ୍ସବ ଅଟେ … ଆବିର୍ଭାବ ଦିବସ ଅଟେ..
ଭଗବତୀ…
ପରାଶକ୍ତି…

କୃଷ୍ଣସ୍ୱରୂପା....
କୀର୍ତିଦା କୁମାରୀ....
ବୃଷଭାନୁଦୁଲାରୀ....
ଶ୍ରୀମତୀ ରାଧାରାଣୀଙ୍କର..!

ଆପଣଙ୍କୁ ହାର୍ଦିକ ଅଭିନନ୍ଦନ ଯେ ଆପଣଙ୍କୁ ଏହି ମଙ୍ଗଳମୟ ଦିବସରେ ଅବସର ପ୍ରାପ୍ତ ହୋଇଛି ରାଧାରାଣୀଙ୍କ ବିଷୟରେ କିଛି ଶୁଣିବା କୁ...ଯେ ପରାତତ୍ତ୍ୱ, ପରାତ୍ପର ତତ୍ତ୍ୱ...ଯାହାଙ୍କ ବିଷୟରେ ଶୁଣିବା ପାଇଁ ସ୍ୱୟଂ ଶ୍ରୀକୃଷ୍ଣ ଲାଳାୟିତ ରୁହନ୍ତି!

ତେବେ ଆମକୁ ଏହା ଜଣା ହେବା ଦରକାର, ଆମକୁ ରାଧାରାଣୀଙ୍କୁ ଠିକ ଭାବରେ ଭୁଝିବାକୁ ହେବ..ତାହାଲେ ହି ଆମେ ରାଧାଷ୍ଟମୀର ଉତ୍ସବ ଠିକ ଦିଶାରେ ପାଳନ କରି ପାରିବା...ଆମକୁ ଜାଣିବା କୁ ହେବ ଯେ ବାସ୍ତବରେ ରାଧାରାଣୀ କିଏ ଆଉ ମୁଁ କାହିଁକି ଏହି ଉତ୍ସବରେ ସମ୍ମିଳିତ? ଯଦି ଆମେ ରାଧାଷ୍ଟମୀ ପାଳନ କରିବା କୁ ଚାହାନ୍ତି, ତାହାଲେ ଆମକୁ ସ୍ପଷ୍ଟ ଭାବରେ ଜଣା ହୋଇବା ଦରକାର ଯେ ଶ୍ରୀକୃଷ୍ଣ କିଏ, ରାଧାରାଣୀ କିଏ ଆଉ ବ୍ରଜସୁନ୍ଦରୀ- ଗୋପୀମାନେ କିଏ। ଏହି ତତ୍ତ୍ୱ ଆମକୁ ସ୍ପଷ୍ଟ ହେବା ଦରକାର।

ଏହି ପ୍ରବଚନ ନବଭକ୍ତମାନଙ୍କ ପାଇଁ ଅଧିକ ଲାଭଦାୟକ ନୁହେଁ।

ଶ୍ରୀକୃଷ୍ଣ ନିତ୍ୟ ଆନନ୍ଦ ରସ, ବ୍ରହ୍ମ ତତ୍ତ୍ୱ, ଅନନ୍ତ ଆନନ୍ଦର ପ୍ରତିମୂର୍ତ୍ତି, ରସ ବ୍ରାହ୍ମଣ ଅଟନ୍ତି। ଶ୍ରୀ କୃଷ୍ଣ ସ୍ୱୟଂ ନିଜାନନ୍ଦରସର ଅସ୍ୱାଦନ କରନ୍ତି, ନିଜ ଆନଂଦର ମଧୁର୍ଯ୍ୟର ପାନ କରନ୍ତି...ନିଜକୁ ପ୍ରେମରୁପ ରେ ପ୍ରକଟ କରି। ସତ୍-ଚିତ-ଆନନ୍ଦ ଶ୍ରୀକୃଷ୍ଣ ନିଜାନନ୍ଦକୁ ବିଗ୍ରହ ପ୍ରଦାନ କରନ୍ତି ରାଧାଙ୍କ ରୂପରେ। ରାଧାରାଣୀ ପ୍ରେମ-ବିଗ୍ରହ-ରୂପ ଅଟନ୍ତି...ପ୍ରେମର ସାକ୍ଷାତ ମୂର୍ତ୍ତି । ଏହି ପ୍ରେମ ବାସ୍ତବରେ ଆନନ୍ଦର ସଘନ ରୂପ ଅଟେ।

ରାଧାରାଣୀ ଆଉ ଶ୍ରୀକୃଷ୍ଣ ଅଭିନ୍ନ, ଅଭେଦ୍ୟ ଅଟନ୍ତି। ରାଧା-କୃଷ୍ଣଙ୍କ ମଧରେ କିଛି ଅନ୍ତର ନୁହେ। ଯଦି ଆମେ ରାଧା-କୃଷ୍ଣଙ୍କୁ କେବଳ ଭୌତିକ-ଦୃଷ୍ଟିରେ ଦେଖିବା ତାହାଲେ କେବେ ବି ତାଙ୍କୁ ବୁଝି ପାରିବାରେ ଅସକ୍ଷମ ରହିବା। ସ୍କନ୍ଦ ପୁରାଣ କହେ:

**ଆତ୍ମାରାମସ୍ୟ କୃଷ୍ଣସ୍ୟ ଧ୍ରୁବମ ଆତ୍ମାସ୍ତି ରାଧିକା |**

ଶ୍ରୀକୃଷ୍ଣ ଆତ୍ମାରାମ ଅଟନ୍ତି...ଆଉ ତାଙ୍କର ଆତ୍ମା କିଏ? ଶ୍ରୀମତୀ ରାଧାରାଣୀ! ଏହି କଥା ଧ୍ରୁବସତ୍ୟ, ଚିରକାଳୀକ ସତ୍ୟ ଅଟେ! ଯେମିତି ମୃତ୍ୟୁ ଜୀବନର ଶାଶ୍ୱତ ସତ୍ୟ, ସେମିତି ଶ୍ରୀରାଧିକା ଶ୍ରୀକୃଷ୍ଣଙ୍କର ଆତ୍ମା-ଏହା ଶ୍ରୀକୃଷ୍ଣଙ୍କର ଜୀବନର ପରମସତ୍ୟ!

ଶ୍ରୀକୃଷ୍ଣଙ୍କୁ ଆତ୍ମାରାମ କାହିଁକି କୁହା ଯାଇଛି? କାହିଁକିନା ସେ ସଦା ନିଜ ଆତ୍ମାରେ, ଶ୍ରୀମତୀ ରାଧିକାଙ୍କ ସାଙ୍ଗରେ ରମଣ କରନ୍ତି।

ଏବେ ମୁଁ କହିଲି ଯେ ଶ୍ରୀ କୃଷ୍ଣଙ୍କର ଆତ୍ମା କିଏ? ଶ୍ରୀରାଧା! ଆଉ ବେଦ ଏହି ବିଷୟରେ କଣ କୁହନ୍ତି?

**ଅହଂ ଆରାଧା ହୃଦୟା ଆତ୍ମରୂପେଣ ସଂସ୍ଥିଥା |**

ଶ୍ରୀକୃଷ୍ଣ କୁହନ୍ତି: ମୁଁ ସ୍ୱୟଂ ଶ୍ରୀରାଧାଙ୍କ ହୃଦୟରେ ଆତ୍ମରୂପରେ ନିବାସ କରେ।

ଆଉ ସ୍କନ୍ଦ ପୁରାଣ କହେ ଯେ ଶ୍ରୀରାଧା ଶ୍ରୀକୃଷ୍ଣଙ୍କର ଆତ୍ମା ଅଟନ୍ତି!

ତେବେ ରାଧା ଆଉ କୃଷ୍ଣ ଅଭିନ୍ନ ଅଟନ୍ତି। ଅଭିନ୍ନ ହୋଇ ବି ସେ ଦୁଇ ଲୀଳାରସ ଆସ୍ୱାଦନ ହେତୁ ଭିନ୍ନ ନିତ୍ୟବିଗ୍ରହ ଧାରଣ କରନ୍ତି। ଶ୍ରୀକୃଷ୍ଣ ଆନନ୍ଦ ଆସ୍ୱାଦନ କରନ୍ତି ପରାଶକ୍ତି ଶ୍ରୀରାଧାଙ୍କ ଠାରୁ। ସେ ଦୁଇ ଅଭିନ୍‌ନ ଅଟନ୍ତି। ଶ୍ରୀକୃଷ୍ଣ ଆନ‌ଂଦ ଅର୍ଜନ ପାଇଁ ବାହ୍ୟମୁଖୀ ହୁଅନ୍ତି ନାହିଁ... ଯେମିତି ଜୀବ ହୁଏ। ଯିଏ ଆନ‌ଂଦ ପାଇଁ ନିଜବାହାରେ ଖୋଜି ଥାଏ..ଶ୍ରୀକୃଷ୍ଣ ଏମିତି କରନ୍ତି ନାହିଁ।

ଆଉ ଏହି ଗୋପୀମାନ କିଏ? ବ୍ରଜସୁନ୍ଦରୀ?
ସେ **ଅନ୍ତରଙ୍ଗ ବୃତ୍ତି** ଅଟନ୍ତି। ସେ ଆହ୍ଲାଦିନି ଶକ୍ତିର ଅନ୍ତରଙ୍ଗ ସ୍ଫୁଲିଙ୍ଗ ଅଟନ୍ତି ଯାହା ଆନ‌ଂଦ ଶକ୍ତି ରାଧାରାଣୀଙ୍କ ବାହାରେ ଉତ୍‌ଭୁତ ହୁଅନ୍ତି...ସେଇ ମାନେ ହି ବ୍ରଜସୁନ୍ଦରୀ ଗୋପିଗଣ, ଯେ ସଦା ଶ୍ରୀ ଶ୍ରୀ ରାଧାମଧବଙ୍କର ପ୍ରେମ ବର୍ଦ୍ଧନ କରନ୍ତି।

ଆହ୍ଲାଦିନି ଶକ୍ତିର ଲକ୍ଷେ ଆଉ କୋଟିଏ ଅନ୍ତରଙ୍ଗ ବୃତ୍ତି ଅନେକ ରୂପ ଧରି ଶ୍ରୀମତୀ ରାଧାରାଣୀ ଆଉ ଶ୍ରୀକୃଷଙ୍କର ସେବାରେ ନିବୃତ୍ତ ହୋଇ ତାଙ୍କର ଆନନ୍ଦବର୍ଧନରେ ଲିପ୍ତ ରୁହନ୍ତି। ଗୋପୀମାନେ ଶ୍ରୀରାଧିକାଙ୍କର କାୟା-ବ୍ୟୁହ-ରୂପ - ଶ୍ରୀରାଧାଙ୍କ ବର୍ଦ୍ଧିତ ବ୍ୟୁହର ପ୍ରତିମୂର୍ତ୍ତି ଅଟନ୍ତି। ବାସ୍ତବରେ ଶ୍ରୀକୃଷ୍ଣ ରାଧା ଅଟନ୍ତି, ଶ୍ରୀରାଧିକା ଶ୍ରୀକୃଷ୍ଣ ଅଟନ୍ତି ଆଉ ଏହି ସବୁ ବ୍ରଜଗୋପୀ ଆହ୍ଲାଦିନି ଶକ୍ତିର ଅନ୍ତରଙ୍ଗ ବୃତ୍ତି ଅଟନ୍ତି।

ଏହି ଅନ୍ତରଙ୍ଗ ବୃତ୍ତି ସେହି କିରଣ ପରି ଯାହା ଭିନ୍ନ-ଭିନ୍ନ -ସଖି, ମଞ୍ଜରୀ,ଦୂତି, ସହଚରି- ସ୍ୱରୂପରେ ଉତ୍‌ଭୁତ ହୁଅନ୍ତି ଆଉ ସଦା ଶ୍ରୀରାଧାମଧବଙ୍କ ଅନନ୍ଦବର୍ଧନରେ ସତତ ନିମଜ୍ଜ ରୁହନ୍ତି। ଏହି ସବୁ ବ୍ରଜସୁନ୍ଦରୀ ଗୋପୀମାନେ। ସେଇ କେବଳ ଉପକରଣ ଭାଂତି।

ବ୍ରଜସୁନ୍ଦରୀ ଗୋପୀଗଣଙ୍କ ବିଷୟରେ ଆଉ ବୁଝନ୍ତୁ। ସେଇ ମାନେ ଶ୍ରୀରାଧାଙ୍କର **ବିଚିତ୍ର-ବିକାସ-ବିଳାସ** ଅଟନ୍ତି। ବିଚିତ୍ର ମାନେ ବହୁରଙ୍ଗ। ସମ୍ପୂର୍ଣ ରାଧାରାଣୀ ନୁହେ, କେବଳ ତାଙ୍କର ଗୋଟେଇ ବୃତ୍ତି... ଯେମିତି ରାଧାରାଣୀଙ୍କର ଗୋଟେଇ ଭାବ ହି ଏକ ସଖି, ମଞ୍ଜରୀ ଅଥବା ଗୋପୀର ରୂପ ନେଇ ଥାଏ। ଏହି ପ୍ରକାରରେ ଅନେକ ଅନ୍ତରଙ୍ଗ ବୃତ୍ତି ବ୍ରଜସୁନ୍ଦରୀ ଗୋପିଙ୍କର ରୂପ ନେଇ ଥାଏ।

ଯେବେ ପର୍ଯନ୍ତ ଆହ୍ଲାଦିନି ଶକ୍ତିର ପ୍ରତିମୂର୍ତ୍ତି ଶ୍ରୀରାଧିକାଙ୍କ ଠାରୁ ପ୍ରେମର ଗୋଟିଏ କଣିକା ମିଳି ନ ଥାଏ, କୌଣସି ବି ଜୀବ ପାଇଁ ଭଗବାନଙ୍କ ସେବା ଅପ୍ରାପ୍ୟ।

ଆମେ ଜୟଘୋଷ କରନ୍ତି: ଜୟ ରାଧେ, ଜୟ୍ ଜୟ ଶ୍ରୀ ରାଧେ...କିନ୍ତୁ ରାଧାରାଣୀ ବାସ୍ତବରେ କଣ କରନ୍ତି? ଏହି କଥା ଆମକୁ ଭଲ ଭାବରେ ଜଣା ହେବା ଦରକାର; ଅନ୍ୟଥା ତାଙ୍କର ସେବାନନ୍ଦରେ ଆମେ କେମିତି ବୁଝିବା?

ଆପଣ କିଏ? ରାଧାରାଣୀ କିଏ? ଆପଣଙ୍କ ତାଙ୍କ ସାଙ୍ଗରେ କଣ ସମ୍ବନ୍ଧ? ଆମକୁ ଏହି କଥା ଜାଣିବାର ଅଛି।

ସଖିମାନଙ୍କ ମଧରେ ବି ଶ୍ରୀରାଧିକାଙ୍କର ପ୍ରତି ଭିନ୍ନ ସମ୍ବନ୍ଧ ହୋଇ ଥାଏ-
୦ କୃଷ୍ଣ ସ୍ନେହାଧିକା
୦ ରାଧା ସ୍ନେହାଧିକା
୦ ସମ ସ୍ନେହା
ଯେଉଁ ମାନେ କୃଷ୍ଣଙ୍କୁ ରାଧାଙ୍କ ଠାରୁ ବେଶୀ ସ୍ନେହ କରନ୍ତି ସେଇ ମାନେ କୃଷ୍ଣ ସ୍ନେହାଧିକା। ଯେଉଁ ମାନେ ରାଧା-କୃଷ୍ଣଙ୍କ ପାଇଁ ସମ ସ୍ନେହ ରଖନ୍ତି ସେ ସମ ସ୍ନେହା ହୁଅନ୍ତି। ଆଉ ମଞ୍ଜରୀମାନେ...ମଞ୍ଜରୀମାନେ ରାଧା-ସ୍ନେହଧିକା ହୁଅନ୍ତି, ତାଙ୍କର ପ୍ରେମ ଶ୍ରୀରାଧାଙ୍କ ପାଇଁ ଶ୍ରୀକୃଷ୍ଣଙ୍କ ଠାରୁ ବହୁତ ଅଧିକ ହୋଇ ଥାଏ। ଆଉ ଏହି ମଞ୍ଜରୀ ଭାବର ଉପହାର ପ୍ରଦାନ ପାଇଁ ହି ମହାପ୍ରଭୁଙ୍କର ଅବତରଣ ହୋଇ ଥିଲା।

ମଞ୍ଜରୀମାନେ ସଦା ନିଜ ସ୍ନେହ ରାଧାଙ୍କ ପାଇଁ ଅଧିକ ରଖନ୍ତି। ଆମ ଗୌଡିୟ ବୈଷ୍ଣବ ମାନଙ୍କୁ ସକାଳେ ନିତ୍ୟ ସ୍ମରଣ କରିବା ଦରକାର ଯେ - ମୁଁ କିଏ? କଣ ମୁଁ ଆତ୍ମା? ନା! ମୁଁ ରାଧା-ସ୍ନେହଧିକା..ମୋର ପ୍ରେମ କୃଷ୍ଣଙ୍କ ଠାରୁ ରାଧାଙ୍କ ପାଇଁ ଅଧିକ ଅଟେ। ମୁଁ ୧୨ ବର୍ଷୀୟ ବାଳିକା!

ସକାଳେ ଉଠିବା ବେଳେ ଆମକୁ, ଗୌଡିୟ ବୈଷ୍ଣବ ମାନଙ୍କୁ ସ୍ମରଣ କରିବା ଦରକାର ଯେ ହରେ- କୃଷ୍ଣର ଜପ କରୁଛନ୍ତି।

ଆଉ ଶୋଇବା ବେଳେ ଆମକୁ କଣ ଧ୍ୟାନରେ ରଖିବା ଦରକାର? ମୁଁ ରାଧା-ସ୍ନେହାଧିକା!

ଆଉ ଜାଗୃତ ଅବସ୍ଥାରେ କଣ ସ୍ମରଣ ହୋଇବା ଦରକାର? ମୁଁ ରାଧା-ସ୍ନେହାଧିକା, ମୁଁ ରାଧାରାଣୀଙ୍କର ଦାସୀ!

ତେବେ ଯଦି ଆମେ ଏହି ଭାବରେ ସଦା ରହିବା, ତାହାଲେ ହି ଆମେ ସ୍ୱପ୍ନରେ ବି ଏହାର ଅନୁଭୂତି କରି ପାରିବା।

କଣ ଆପଣ ରାଧାରାଣୀଙ୍କର ସେବା କରିବାକୁ ଇଚ୍ଛୁକ? କଣ ଆପଣ ସେବା କରିବାକୁ ଚାହଁନ୍ତି? ଏହି କାରଣ ପାଇଁ ଏଠାକୁ ଆସିଛନ୍ତି? ହଁ ନା? ତେବେ ଆପଣଙ୍କୁ କିଏ ରୋକୁଛି? କିଏ ଆପତ୍ତି କରୁଛି? କଣ କିଏ ଆପଣଙ୍କ ପଥରେ ବାଧା ଉତ୍ପନ୍ନ କରୁଛି? ନା ତ! ତେବେ ସେବା କରନ୍ତୁ ନା! ବାସ୍!

ଆପଣ ନିଜବିଚାରଧାରାରେ ଏତେ ଭୌତିକ କାହିଁକି? ଆପଣ କେବଳ ଭୌତିକ ରୂପ ରେ କାହିଁକି ଭାବନ୍ତି? ଆପଣ ସେବା ପାଇଁ ତତ୍ପର...ତାହାଲେ ସଦା ଭୌତିକ ସେବା କାହିଁକି? ଯେ ମୁଁ ଏବେ ଖାଦ୍ୟ କିମ୍ବା ପଇସା-ଅଳଙ୍କାର ଦ୍ୱାରା ହି ସେବା କରିବି! ରାଧାରାଣୀଙ୍କ ସେବା ଏବେ, ଏହି କ୍ଷଣରେ ବି ଆପଣଙ୍କ ପାଇଁ ସମ୍ଭବ ଅଟେ।

ତେବେ ଭୌତିକ ବିଚାରଧାରାରୁ ବାହାରକୁ ଆସନ୍ତୁ।

**ଆପଣ ଭୌତିକ ନୁହନ୍ତି... ଆପଣ ଆଧ୍ୟାତ୍ମିକ ଆତ୍ମା ଆଟନ୍ତି!**

**ଆପଣ ଆଧ୍ୟାତ୍ମିକ!**

**ଆପଙ୍କର ସମ୍ବନ୍ଧ ଭୌତିକ ହୋଇ ପାରିବ ନାହିଁ।**

**ଆପଣ ଆଧ୍ୟାତ୍ମିକ, ଆଉ ଅପଣଙ୍କର ସମ୍ବନ୍ଧ ବି ଆଧ୍ୟାତ୍ମିକ ଅଟେ।**

ଯେବେ ଆପଣଙ୍କର ଆଧ୍ୟାତ୍ମିକ ଗୁରୁ ଆପଣଙ୍କୁ ୫୦୦ ବର୍ଷୀୟ ଅଛେଦ୍ୟ ମହାପ୍ରଭୁଙ୍କ ପରମ୍ପରାରେ ଦୀକ୍ଷା ଦିଅନ୍ତି, ସେତେ ବେଳେ ସେ ଆପଣଙ୍କର ରାଧାରାଣୀଙ୍କ ସାଙ୍ଗରେ ମଞ୍ଜରୀ ଭାବରେ ନିତ୍ୟ ସମ୍ବନ୍ଧ ସ୍ଥାପିତ କରନ୍ତି। ସେ ଆପଣଙ୍କୁ ସବୁ ମଞ୍ଜରୀଙ୍କ ମନ୍ତ୍ର, ରାଧାରାଣୀଙ୍କ ମନ୍ତ୍ର, ମହାପ୍ରଭୁଙ୍କର ମନ୍ତ୍ର ଦିଅନ୍ତି। ଯେବେ ଏହି ଦୀକ୍ଷା ହୁଏ, ସେତେ ବେଳେ ସେଇ ସମ୍ବନ୍ଧର ସ୍ଥାପନା ହୁଏ ଯାହା ପୂର୍ବରୁ ନ ଥିଲା...ଆଉ ତତ୍ପଶ୍ଚାତ ଆମେ ଶ୍ରୀରାଧାଙ୍କ ସେବାରେ ନିବୃତ୍ତ ହୁଅନ୍ତି। ଭୌତିକି ବୁଦ୍ଧି ଛାଡ଼ନ୍ତୁ...ରାଧାରାଣୀ ଭୌତିକି ତତ୍ତ୍ୱ ନୁହନ୍ତି!

ଯଦି ଆମେ ସେବା କରିବାକୁ ଚାହଁତି ତାହାଲେ ଆମର ବିଚାର ଧାରା ଭୌତିକି କାହିଁକି? ଯଦ୍ୟପି ବିଗ୍ରହ-ସେବା ଏହି ପ୍ରକାରରେ ହୁଏ, କିନ୍ତୁ ଆମେ ମାନସିକରୂପରେ ବି ସେବା କରି ପାରିବା।

ଭକ୍ତିରସାମୃତସିନ୍ଧୁରେ ବର୍ଣ୍ଣିତ ଯେ ଗୋଟିଏ ଭକ୍ତ ନିଜ ଧ୍ୟାନରେ ଗରମ ଖୀରୀ ଅର୍ପଣ କଟିବା ପୂର୍ବରୁ ତାର ତାପମାନ ଦେଖିବା ପାଇଁ ସେଥିରେ ଆଙ୍ଗୁଳି ବୁଡେଇ ଦେଖିଲା...ଆଉ ତାର ଶରୀରର ଆଙ୍ଗୁଳି ପୋଡି ଗଲା..କାହିଁକି? କାହିଁକି ନା ମାନସିକ ସେବା ହି ବାସ୍ତବରେ ପ୍ରତ୍ୟକ୍ଷ ସେବା।

**ନିଜ ବିଚାରକୁ ଭୌତିକ କରନ୍ତୁ ନାହିଁ...ତାକୁ ରୋକି ଦିଅନ୍ତୁ।**

**ନିଜ ସମ୍ବନ୍ଧକୁ ଭୌତିକ କରନ୍ତୁ ନାହିଁ...**

**ସେ ମୋ ମା...ଭୌତିକ ମା...ସେ ମୋ ସ୍ତ୍ରୀ...ଭୌତିକ ସ୍ତ୍ରୀ...ସେ ମୋ ମିତ୍ର...ଭୌତିକ ମିତ୍ର....**

**ଆମେ କାହିଁକି ଭୌତିକ ସ୍ତରରେ ଅଟକି ଯାଇଛନ୍ତି?**

ରାଧାରାଣୀ ପରମ ସତ୍ୟ! ଯେମିତି ଆମେ କୁହନ୍ତି ଯେ ସେ ମୋର ସାଙ୍ଗ...ସେମିତି ହି, ରାଧାରାଣୀ ମୋର ସ୍ବାମିନି...ସେ ମୋର ଗୁରୁ ମଞ୍ଜରୀ, ସେ ଲଳିତା ସଖି...ସେମାନେ ସବୁ ମୋର... ସେମାନେ ସତ୍ୟ...ସେମାନେ ଭୌତିକ ନୁହନ୍ତି...ସେମାନେ ଆଧାତ୍ମିକ! ତେବେ ଆପଣ ମାନେ ଆଧାତ୍ମିକ ସମ୍ବନ୍ଧ ସ୍ଥାପିତ କରନ୍ତୁ, କିଏ ରୋକୁଛି?

ଆଉ ଯେମିତି ହି ଆପଣ ସମ୍ପ୍ରଦାୟରେ ଦୀକ୍ଷା ନେବେ, ଆପଣ ଆପଣଙ୍କର ସିଦ୍ଧ ମଞ୍ଜରୀ ସ୍ୱରୂପ, ଆପଙ୍କର ସିଦ୍ଧ ପ୍ରଣାଳୀ, ଆପଣଙ୍କର ନିତ୍ୟ ମଞ୍ଜରୀ ରୂପ ଆପଣଙ୍କୁ ଗୁରୁଦେବ ପ୍ରଦାନ କରିବେ, ଯାହା ଦ୍ୱାରା ଆପଣ ସେବାସକ୍ଷମ ହୋଇ ପାରିବେ।

ରାଧାରାଣୀଙ୍କ ସେବା କିଏ କରନ୍ତି? ସେ ଜୀବଗଣ ଯେ ଏହି ସଂସାର କୁ ଛାଡି ଆଧାତ୍ମିକ ଜଗତରେ ପ୍ରବେଶ ନିଅନ୍ତି। ସେବା କିଏ କରନ୍ତି? ଯେଉଁ ମାନେ ସଂସାରର ସବୁ ବିଷୟକୁ ତ୍ୟାଗ କରି ଆଧାତ୍ମିକ ଜଗତକୁ ଗମନ କରନ୍ତି! କେବଳ ସେଇ ମାନେ।

**ତେବେ ଆମକୁ ଏହି ମଞ୍ଜରୀ ଭାବ, ଏହି 'ଉନ୍ନତ ଉଜ୍ଜ୍ୱଳ ରସ' ପ୍ରାପ୍ତ କରିବା ପାଇଁ କଣ କରିବାକୁ ପଡିବ? ଯାହା କିଛି ବି ଆଜି ପର୍ଯନ୍ତ ଶିଖିଛନ୍ତି, ସବୁ କିଛି ଭୁଲିଯାନ୍ତୁ ! ପୁଣି କଣ ଶିଖିବାର ଅଛି? ସେବାରେ ନୈପୁଣ୍ୟ! ଏହା ସ୍ୱୟଂ ମହାପ୍ରଭୁଙ୍କର ଉଦ୍ଘୋଷ :**

**ଅତେବ ଗୋପୀଭାବ କରି ଅଙ୍ଗୀକାର,**
**ରାତ୍ରିଦିନେ ଚିନ୍ତି କରି ରାଧା-କୃଷ୍ଣର ବିହାର। (ଚୈତନ୍ୟ ଚାରିତାମୃତ ମଧ୍ୟଲିଲା ୮. ୨୨୮)**

**ଗୋପୀଭାବ ଭୌତିକି ନୁହେ, ଆଧାତ୍ମିକ ଅଟେ!**

ଆମର ଆମ ମା ପାଇଁ ଯେଉଁ ମନୋଭାବ ଅଛି, ସେ କଣ? ସେ ସବୁ ଭୌତିକ-ଦେହ ସାଙ୍ଗରେ ଯୋଡି ହୋଇଛି। ଯେବେ ଆପଣ ନିଜ ବୋଉ କୁ ଦେଖନ୍ତି, ତାଙ୍କର ଦେହକୁ, ଆପଣଙ୍କର ବିନମ୍ର ଭାବନା ଉତ୍ପନ୍ନ ହୁଏ। ଆଉ ଏହି ସବୁ କେମିତିକା? ସେଇ ସବୁ ଆପଣଙ୍କର ସ୍ମୃତିରେ ସତଃସ୍ଥଳରେ ରୁହନ୍ତି। **ଯଦି ଆପଣଙ୍କର ସ୍ମୃତି ବିନଷ୍ଟ ହୋଇ ଯାଏ, ତାହାଲେ ସବୁ ଭାବନା ଲୋପ ହୋଇ ଯିବ!** ଯଦି ଆପଣଙ୍କର ସ୍ମୃତି ଲୋପ ହୋଇ ଯାଏ, ତାହାଲେ ତ ଆପଣଙ୍କର ଜୀବନ ଶେଷ! **ତେବେ କଣ ଏହା ଆପଣଙ୍କର ଜୀବନ? କେବଳ ସ୍ମୃତିଖଣ୍ଡ ମାତ୍ର? ଏହା ଆପଣଙ୍କର ଜୀବନ? କେତେ ଶସ୍ତା ଆପଣଙ୍କର ଜୀବନ! ଏତେ ସାଧାରଣ?** ଏହି ସ୍ମୃତିଖଣ୍ଡ ସମସ୍ତଙ୍କ ପାଖରେ ଥାଏ..ଆଉ ଆମେ ଏଥିରେ ନିଜ-ଇଛାନୁସାରେ କିଛିବି ଭରି ପାରିବା।

**ନିଜ ସମ୍ବନ୍ଧଙ୍କୁ ଭୌତିକ କରନ୍ତୁ ନାହିଁ...ଆପଣ ଭୌତିକ ନୁହଁନ୍ତି!**

ଆମେ ରାଧା-କୃଷ୍ଣଙ୍କ ଦର୍ଶନ ଅନେକ ମନ୍ଦିରରେ କରନ୍ତି....ଲଳିତା-ବିଶାଖା ବି ସେଇଠାରେ ଥାଆନ୍ତି। ଆମେ ଲଳିତା-ବିଶାଖାଙ୍କୁ ଜାଣନ୍ତି କିନ୍ତୁ ତାଙ୍କ ସାଙ୍ଗରେ କିଛି ସମ୍ବନ୍ଧ-ଭାବ ରଖନ୍ତି ନାହିଁ...କିଛି ଅନୁଭବ କରନ୍ତି ନାହିଁ...କାହିଁକି? ଆମକୁ ଜଣା ହେବା ଦରକାର ଯେ ରାଧାରାଣୀ କିଏ, ଲଳିତା କିଏ ଆଉ ବିଶାଖା କିଏ। ଲଳିତା ଆଉ ବିଶାଖା ତାଙ୍କର ପରମ-ପ୍ରେଷ୍ଠ ସଖି ମାନେ ଯିଏ ରାଧାରାଣୀଙ୍କର ପରମପ୍ରିୟ ଆଉ ଗୋପନୀୟ ସଖି ଅଟନ୍ତି।

ଆଜି ମୁ କିଛି ଏମିତିକା କହିବି ଯାହା ଏହି ରାଧାଷ୍ଟମୀପର୍ବ କୁ ଆପଣଙ୍କର ଜୀବନର ପ୍ରତ୍ୟେକ ଦିନକୁ ଆଜି ପରି ସୁବିମଳ କରି ଦେବ...ଯାହା ଦ୍ୱାରା ଆପଣ ପ୍ରତ୍ୟେକ ଦିନ ରାଧାଷ୍ଟମୀ ମନେଇ ପାରିବେ। ଏହି ମୋର ଲକ୍ଷ୍ୟ ।

ଥରେ ରାଧାରାଣୀ ସଂକେତକୁଞ୍ଜରେ ବିରାଜମାନ ଥିଲେ...ସଂକେତକୁଞ୍ଜ ମାନେ ସେଇ ଜାଗା ଯାହା ରାଧା-କୃଷ୍ଣଙ୍କ କେଳିଲୀଳା ହେବା ପାଇଁ ନିର୍ଦ୍ଦିଷ୍ଟ ହେଇଛି। ତେବେ ରାଧାରାଣୀ ନିଜ ଅଭିସାର-ବେଶରେ, ପୁର୍ଣ ତତ୍ପରତା ସହିତ ଶ୍ରୀକୃଷ୍ଣଙ୍କର ଅପେକ୍ଷା

କରୁଛନ୍ତି...କରୁଛନ୍ତି...କରୁଛନ୍ତି...ଆଉ କରୁ କରୁ ଥକିଗଲେ... କିନ୍ତୁ କୃଷ୍ଣଙ୍କର କିଛି ଖବର ନାହିଁ। ପୁଣି ଦୀର୍ଘସମୟ ପରେ ନାଗରରାଜ ଶ୍ରୀକୃଷ୍ଣ କୁଞ୍ଜର ପ୍ରବେଶଦ୍ୱାରକୁ ଆସନ୍ତି।  ତାଙ୍କୁ ଦେଖି ରାଧାରାଣୀ ମାନ କରି ବସିଯାନ୍ତି...କାହିଁକିନା ସେ ଲଳିତାସଖୀ ଦ୍ୱାରା ନିର୍ଦ୍ଦିଷ୍ଟ! ଲଳିତା ତାଙ୍କୁ ପୂର୍ବରୁ ହି କହି ଦେଇ ଥିଲେ ଯେ "ଯେବେ ସେ ଆସିବେ, ତାଙ୍କ ସାଙ୍ଗରେ ସହଜରେ ପ୍ରେମବାର୍ତ୍ତା କରିବ ନାହିଁ।" ଆଉ ରାଧାରାଣୀ କେବେବି ଲଳିତସଖିଙ୍କର କଥା ଟାଳନ୍ତି ନାହିଁ।

ତେବେ ରାଧାରାଣୀ ମାନ କରି ବସିଛନ୍ତି, ଆଉ କୃଷ୍ଣଙ୍କୁ ରୋଷରେ କୁହନ୍ତି, "ହେ ଶ୍ୟାମ! ଆପଣ ଏଠି କାହିଁକି ପଧାରିଛନ୍ତି? ଆପଣଙ୍କର ଅରୁଣ ନୟନ ସ୍ପଷ୍ଟ କରୁଛନ୍ତି ଯେ ଆପଣଙ୍କର କେଉଁ ସ୍ତ୍ରୀ ପାଇଁ ଅନୁରାଗ ବର୍ଦ୍ଧମାନ ହୋଇଛି। କଣ ଏହା ଉଚିତ ହେବ ନାହିଁ ଯେ ଆପଣ ନିଜ ପ୍ରେମିକା ପାଖକୁ ପୁନଃ ଚାଲି ଯାଆନ୍ତୁ, ଯେଉଁଠି ଆପଣଙ୍କୁ ଏତେ ଆନନ୍ଦ ଆସୁଥିଲା? ଆପଣ ସେଠିକି ଚାଲି ଯାଆନ୍ତୁ, ଏଠି ଆପଣଙ୍କର କିଛି କାମ ନାହିଁ। ଠିକ ଅଛି? ଏବେ ଯାଆନ୍ତୁ, ଆମର ସମୟ ନଷ୍ଟ କରନ୍ତୁ ନାହିଁ!" ଏହି ପ୍ରକାରରେ ରାଧିକେ ମାନ କରି ବସିଛନ୍ତି...

ଆପଣଙ୍କୁ ଗୋଟିଏ କଥା ସ୍ପଷ୍ଟ କରି ଦେଉଛି ଯେ ଏହି ମାନ କ୍ରୋଧ ପରି ନୁହେ କିମ୍ବା ଚିଡିଚିଡାପନ ବି ନୁହେ ଯେମିତି ଆପଣ ଆପଣଙ୍କର ସ୍ୱାମୀ-ପୁତ୍ରଙ୍କ ପାଇଁ ରଖନ୍ତି...ଆଧାତ୍ମିକ ଜଗତରେ, ଗୋଲୋକ ରେ, ସବୁ କିଛି କେବଳ ରସ ମାତ୍ର। ଆବେଶ ପରି ଜିନିଷ ସେଠାରେ ହୋଇ ପାରିବ ନାହିଁ...ଆଉ ଏଠି ଲୋକମାନେ କ୍ରୋଧରୁ ନିଜ ସ୍ୱାମୀ-ଛୁଆଙ୍କ ସାଙ୍ଗରେ କଥା କହିବା ଛାଡିଦିଆନ୍ତି।

କିନ୍ତୁ ରାଧାରାଣୀ କାହିଁକି କୃଷ୍ଣଙ୍କ ଉପରେ ରୋଶିତ? କେବଳ କୃଷ୍ଣଙ୍କୁ ମାନ-ରସର ଅସ୍ୱାଦନ କରେଇବା ପାଇଁ...ନିଜର ତୃପ୍ତି ପାଇଁ ନୁହେଁ!

ଆଉ ଗୋପୀମାନେ କିଏ? ସେ ମାନେ ପ୍ରେମର ପ୍ରତିମୂର୍ତ୍ତି ! ତେବେ ପ୍ରେମସ୍ୱରୂପା ଗୋପିଗଣଙ୍କର ସବୁ କାମନା ଆଉ କର୍ମ...ତାଙ୍କର ଖାଇବା, ତାଙ୍କର ପିଇବା, ତାଙ୍କର ଶୃଙ୍ଗାର... କାହାର ପ୍ରୀତି ପାଇଁ? କେବଳ ତାଙ୍କର ହୃଦୟର ଚୋର ପାଇଁ! ଆଉ ଆମେ କାହା ପାଇଁ ବସ୍ତ୍ର ଧାରଣ କରନ୍ତି? ଆମରି ପାଇଁ! ଆମେ କାହିଁକି ଗାଧାନ୍ତି? ଆମରୀ ପାଇଁ! ଆମେ କାହିଁକି ଖାଆନ୍ତି? କାହିଁକିନା ଆମକୁ ଭଲ ଲାଗେ! କିନ୍ତୁ ଗୋପୀମାନେ ସେମିତି ନୁହନ୍ତି...କାହା ପାଇଁ ସେମାନେ ସୁନ୍ଦରଶୃଙ୍ଗାର କରନ୍ତି? ସେଇମାନେ ଆଭୂଷଣ, ହୀରାର ମାଳା, ରତ୍ନଜଟିତ ନୁପୁର, ପାଟଶାଢ଼ୀ ସବୁ କିଛି ଧାରଣ କରନ୍ତି...କିନ୍ତୁ କାହିଁକି? ନିଜ ପାଇଁ ନୁହେଁ, କେବଳ ଶ୍ରୀକୃଷ୍ଣଙ୍କ ପାଇଁ! ସେମାନେ ଯଦି ଶ୍ୱାଶ ବି ନିୟନ୍ତି, ସେଟା ବି କୃଷ୍ଣଙ୍କ ଆନନ୍ଦ ପାଇଁ! ଆପଣଙ୍କୁ କିଛି ଭ୍ରମ ନ ହେଇ ଯାଏ ସେଇଲାଗି ଏହି ଜିନିଷ ମୁଁ କଥାର ମଧ୍ୟରେ କହୁଛି...

ଶ୍ରୀକୃଷ୍ଣଙ୍କୁ ମାନରସର ଆସ୍ୱାଦନ ଦେବା ପାଇଁ ରାଧାରାଣୀ ମାନ କରୁଛନ୍ତି। ରାଧାରାଣୀ ଯେବେ ମାନର ସ୍ଥିତିରେ ଅଛନ୍ତି ତ ପ୍ରେମ ଗୋଟେଇ ମଧୁରରୂପ ନେଇ ଥାଏ...ଏହାର ଆସ୍ୱାଦନ ଆଉରି ବଢ଼ି ଯାଏ। ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ କିଛି ବି ପ୍ରାପ୍ତ କରିବା ଅସରଳ ନୁହେ, କିନ୍ତୁ ଏହି ଲୀଳା ମଧ୍ୟରେ, ଶ୍ରୀକୃଷ୍ଣଙ୍କର ନିଜ ଆହ୍ଲାଦିନିଶକ୍ତି ତାଙ୍କ ପାଇଁ ଅଗମ୍ୟ ହୋଇ ଯାଏ...ରାଧାରାଣୀଙ୍କୁ ପ୍ରାପ୍ତ କରିବା ଅସମ୍ଭବ ଦିଶୁ ଥାଏ। ଏବେ ରାଧାରାଣୀ କୃଷ୍ଣଙ୍କ ପାଇଁ ମାନ କରୁଛନ୍ତି...ଆଉ ଆମର ଶ୍ୟାମ ପୂରା ପାଗଳ ହୋଇଯାଇଛନ୍ତି କିଶୋରୀଜୁଙ୍କ ମାଧୁରୀ ଉପରେ! ଶ୍ୟାମ ପାଗଳପରି ଅନୁରୋଧ କରୁଛନ୍ତି ଭିନ୍ନ-ଭିନ୍ନ ପ୍ରୟାସରେ...ତାଙ୍କ ସାମ୍ନାରେ ପ୍ରଣାମ କରିକି କହୁଛନ୍ତି, "ହେ କିଶୋରୀ! ମତେ କ୍ଷମା କରି ଦିଅ! ମୁଁ ପ୍ରଣ ନେଉଛି, ମୁଁ କେବେ ବି ଭବିଷ୍ୟତରେ ଏହି ଭୁଲ କରିବି ନାହିଁ...ଯଦି ସତ୍ୟ କହେ ତ ମୁଁ କେବେ ବି ସେଠାକୁ ଯାଇ ନ ଥିଲି!"

ଏହି ପ୍ରକରରେ କୃଷ୍ଣ ଚାଟୁକାରିତା କରନ୍ତି...ରାଧାରାଣୀଙ୍କୁ ପ୍ରସନ୍ନ କରିବା ପାଇଁ ଅନେକ ପ୍ରୟାସ କରନ୍ତି। କିନ୍ତୁ ରାଧାରାଣୀ ନିଜ ମାନଭଙ୍ଗ କରନ୍ତି ନାହିଁ। କାହିଁକିନା ଲଳିତାଜୁ କହିଛନ୍ତି: ସାବଧାନ! କୌଣସି ସ୍ଥିତିରେ ଭି ମାନଭଙ୍ଗ କରିବୁନି!

ଏବେ ରାଧାରାଣୀଙ୍କ ଦୟାର ଝାପ୍ସା ପାଇବା ପାଇଁ...ପରାତ୍ପର ତତ୍ତ୍ୱ ଶ୍ରୀକୃଷ୍ଣ, ଯେ ସ୍ୱୟଂ ପରଂବ୍ରହ୍ମ, ଯାହାଙ୍କର ଦର୍ଶନ କଣ, ପଦରେଣୁ ପ୍ରାପ୍ତ କରିବା ପାଇଁ ବ୍ରହ୍ମା-ଶଙ୍କର କୋଟି-କୋଟି ବର୍ଷ ଧରି ତପସ୍ୟା କରନ୍ତି...କିନ୍ତୁ ତତ୍ପଶ୍ଚାତ ବି ଉପଲବ୍ଧି କରନ୍ତି ନାହିଁ...ସେହି ପରାତ୍ପର ତତ୍ତ୍ୱ କଣ କରୁଛନ୍ତି? ସେଇ ପରମ୍ ଶ୍ରୀକୃଷ୍ଣ ଛିଡା ହୋଇ ଯାଞ୍ଚନା କରୁଛନ୍ତି...ଆଉ ଆମେ ମଞ୍ଜରୀମାନେ ତାଙ୍କ ନିକଟ ଛିଡା ହେଇଛନ୍ତି...ଆଉ ଶ୍ରୀକୃଷ୍ଣ ଆମକୁ ଇସାରା କରନ୍ତି କୁଞ୍ଜବାହାରକୁ ଆସିବା ପାଇଁ...ଆଉ ତାଙ୍କୁ ବାହାର ଆସିବା ପାଇଁ କୁହନ୍ତି। ଶ୍ରୀକୃଷ୍ଣଙ୍କୁ ପୂର୍ଣ ବିଶ୍ୱାସ ଅଟେ ଯେ ମଞ୍ଜରୀମାନେ ରାଧାରାଣୀଙ୍କ ଅତିପ୍ରିୟ ସଖି ଅଟନ୍ତି...ଆଉ ତାଙ୍କର ପ୍ରାର୍ଥନା ଯଦି ମଞ୍ଜରିଗଣ ରାଧାରାଣୀଙ୍କୁ କହିବେ, ତାହାଲେ ସେ କେବେବି ଅସ୍ୱୀକାର କରିବେ ନାହିଁ .. ଯେମିତି ଆମେ କୁହନ୍ତି ଯେ ତାଙ୍କ ଦ୍ୱାରା ଏହି କାର୍ଯ୍ୟ କରାନ୍ତୁ, ଏଟା ସଫଳ ହେବ!

ତେବେ କୃଷ୍ଣ ଆମ ମଞ୍ଜରୀମାନଙ୍କ ଆଗେ କରବଧ ହୋଇ ବିନମ୍ର ପ୍ରାର୍ଥନା କରନ୍ତି କିଶୋରୀଜୁଙ୍କ କ୍ଷମା ପାଇବା ପାଇଁ। ନିଜ ତରଫରୁ ଆମକୁ ପ୍ରାର୍ଥନା କରିବାର ଭିକ୍ଷା ମାଗନ୍ତି! ଏହି ରାଧା-ଦାସ୍ୟମ୍‌ର ଜୟ ହେଉ! ଶ୍ରୀମନ ମହାପ୍ରଭୁଙ୍କ ଜୟ ହେଉ! ମଞ୍ଜରୀ-ଭାବର ପରମପ୍ରଦେୟର ଜୟ ହେଉ!ସେ ଅନ୍ୟ ଲୋକଙ୍କ ଆଗେ ଯାଚନା କରନ୍ତି ନାହିଁ...କେବଳ ମଞ୍ଜରୀମାନଙ୍କ ସମ୍ମୁଖରେ! ସେଇ ଭଗବାନ ଯେ ଅନେକ-କୋଟି-ବ୍ରହ୍ମାଣ୍ଡ-ନାୟକ, ଯାହାଙ୍କର ଅଳ୍ପ କ୍ରୋଧରୁ ସ୍ୱୟଂ କାଳ ଆଉ ସମୟର ଗତି କମ୍ପିତ ହେଇ ଯାଏ...ଯାହାଙ୍କର ଇଚ୍ଛାରୁ ପବନ ବହୁଛି, ମେଘ ବରସୁଛି, ନିଶ୍ୱାସ-ପ୍ରଶ୍ୱାସ ଅଛି ଆଉ ଜଗତର ନିର୍ମାଣ ହେଉଛି..ସେଇ ପରଂବ୍ରହ୍ମ ଶ୍ରୀକୃଷ୍ଣ, କରବଧ ମଞ୍ଜରୀମାନଙ୍କ ଆଗେ ପ୍ରାର୍ଥନା କରୁଛନ୍ତି...କାହିଁକି? କାହିଁକିନା ସେ ଜାଣନ୍ତି ଯେ ନିଜ ପ୍ରେମପାଶ ଦ୍ୱାରା ସେ କେବେ ବି ରାଧାରାଣୀଙ୍କୁ ପୁନଃ ପ୍ରସନ୍ନ କରି ପାରିବେ ନାହିଁ...

ଆମେମାନେ ଆମର କାର୍ଯ୍ୟ ହେବା ପାଇଁ କାହା ନିକଟକୁ ଯାଆନ୍ତି? ଭଗବାନଙ୍କ ନିକଟକୁ! ଆଉ ଏହିଠି, ଭଗବାନ ନିଜ କାର୍ଯ୍ୟସିଦ୍ଧି ପାଇଁ କାହୁକୁ ଜାଛୁଛନ୍ତି? ଆମକୁ...ମଞ୍ଜରୀମାନଙ୍କୁ! ମହାପ୍ରଭୁଙ୍କ ଅବତରଣ ଏହି କାରଣରୁ ହୋଇଥିଲା। ସ୍ୱୟଂ ଭଗବାନ ଆମ ଆଗେ ପ୍ରାର୍ଥନା କରୁଛନ୍ତି, ଭିକ୍ଷା ମାଗୁଛନ୍ତି, ଯାଚନା କରୁଛନ୍ତି...ଆପଣ ବିଶ୍ୱାସ କରି ପାରୁଛନ୍ତି? ଏହିତ ପରମ ଉପହାର...*ଅନାର୍ପିତ-ଚରୀମ-ଚୀରାତ...* ପୂର୍ବରେ କେବେ ବି ଦିଆ ଯାଇ ନ ଥିଲା!

ମଞ୍ଜରୀ ମାନେ ରାଧାଙ୍କର 'ଅଭିନ୍ନ ଦେହ, ଅଭିନ୍ନ ପ୍ରାଣ' ଅଟନ୍ତି। ଶ୍ରୀକୃଷ୍ଣ ଜାଣନ୍ତି ଯେ ଯଦି ମଞ୍ଜରୀମାନେ ରାଧାରାଣୀଙ୍କୁ କୁହନ୍ତି 'ଠିକ ଅଛି ସ୍ୱାମିନିଜୁ, ଆପଣଙ୍କର କୃଷ୍ଣଙ୍କୁ କ୍ଷମା କରି ଦିଅନ୍ତୁ', ତେବେ ରାଧିକା କେବେ ବି ମନା କରିବେ ନାହିଁ...

ଏହି ପ୍ରାର୍ଥନାଞ୍ଜଳି ଶୁଣି ଆଉ କୃଷ୍ଣଙ୍କ ଦୟନୀୟ ଅବସ୍ଥା ଦେଖି ମଞ୍ଜରୀମାନେ ଆଉ ସହି ପାରିଲେ ନାହିଁ। ଆପଣ ଭାବି ପାରୁଛନ୍ତି ଯେ ଶ୍ରୀକୃଷ୍ଣ ଆପଣଙ୍କ ଆଗରେ ଯାଚନା କରୁଛନ୍ତି? ମଞ୍ଜରୀ ଆଉ ସହି ପାରିଲା ନାହିଁ...ମାନେ ମୁଁ ସହି ପାରିଲି ନାହିଁ...ତ ଆମେ କୁହନ୍ତି, "ହେଉ କୃଷ୍ଣ! ଠିକ ଅଛି! ବାସ୍! ମୋତେ ଦେଖିବାକୁ ଦିଅ..ଆପଣ ଏଠି ରୁହନ୍ତୁ ..ଯେବେ ପର୍ଯ୍ୟନ୍ତ ମୁଁ କହିବି ନାହିଁ, କୁଞ୍ଜରେ ପ୍ରବେଶ କରନ୍ତୁ ନାହିଁ।"

ପୁଣି ଆମେ ମଞ୍ଜରୀମାନେ କୁଞ୍ଜକୁ ଯାଇ ରାଧାରାଣୀଙ୍କୁ କୁହନ୍ତି, "ହେ ରାଧିକେ! ଆପଣ ମାନ ଧରିକି କାହିଁକି ବସିଛନ୍ତି? ଅନ୍ୟକାଳେ ତ ଆପଣ ସ୍ୱୟଂ କୃଷ୍ଣଙ୍କର ବିୟୋଗ ସହି ପାରନ୍ତି ନାହିଁ...ନିଷଦିନ ତାଙ୍କ ପାଇଁ ଲୁହ ଗଡାନ୍ତି...ଆଉ ଏବେ ସେ ଆସି ଯାଇଛନ୍ତି ତ ଆପଣ ମାନ ଧରି ବସିଛନ୍ତି...ତାଙ୍କୁ ବାହାରେ ପ୍ରତୀକ୍ଷା କରେଇଛନ୍ତି...କାହିଁକି?"

ରାଧାରାଣୀ ବି କୃଷ୍ଣଙ୍କ ସାଙ୍ଗରେ ଭେଟ କରିବା ପାଇଁ ଉତ୍ସୁକ...କିନ୍ତୁ ମିଳୁନହାନ୍ତି...କାହିଁକି? କାରଣ ଯେ ତାଙ୍କର ଗୋଟେଇ ନାଁ 'ଲଳିତା-ଭିତି-ମାନିନୀ' ଅଟେ...ମାନେ ଲଳିତାଙ୍କ ଭୟରୁ ସେ କୃଷ୍ଣଙ୍କ ଉପରେ ରୋଷିତ। ତାଙ୍କର ସଂକୋଚ ଲଳିତାଜୁଙ୍କ ପାଇଁ। ଯଦ୍ୟପି ଲଳିତା ରାଧାରାଣୀଙ୍କ ବିସ୍ତାର ଅଟନ୍ତି, ତାଙ୍କର କାୟା-ବ୍ୟୁହ-ସ୍ୱରୁପ, ବିଶାଖାଙ୍କ ପରି...କିନ୍ତୁ ତାଙ୍କର ପ୍ରକୃତି ଶ୍ରୀକୃଷ୍ଣଙ୍କ ରସାସ୍ୱାଦନ ପାଇଁ ଭିନ୍ନ ଅଟେ।

ବାସ୍ତବରେ ଏକ ରସ ବିଦ୍ୟମାନ ଅଟେ, କିନ୍ତୁ ତାର ବିସ୍ତୃତି ତିନି ରୂପରେ ହୋଇଛି...ବୁଝିବାର ପ୍ରୟାସ କରନ୍ତୁ। ଏକ ରସ ରୂପ, ରସର ପ୍ରତିମୂର୍ତ୍ତି। ରସ ସ୍ୱରୂପ କିଏ? ଶ୍ରୀକୃଷ୍ଣ। ଶ୍ରୀକୃଷ୍ଣ ନିଜକୁ ତିନି ରୂପରେ ବିସ୍ତୃତ କରିଛନ୍ତି:

୦ ଆସ୍ୱାଦ୍ୟ ରୂପ- ଯାହାର ଆସ୍ୱାଦନ ହୁଏ
୦ ଆସ୍ୱାଦକ ରୂପ- ଯେ ଅସ୍ୱାଦନ କରି ଥାଏ
୦ ଆସ୍ୱାଦ ରୂପ- ଯେଉଁ ଅସ୍ୱାଦନର ବିଷୟ

ଯେ ଆସ୍ୱାଦ୍ୟ, ସେ ହି ଅସ୍ୱାଦକ...ଆଉ ସେ ନିଜକୁ ହି ଅସ୍ୱାଦନ କରି ଥାଏ...ଆଉ ମଞ୍ଜରୀମାନରେ, ସେ ହି ରାସର ଅସ୍ୱାଦନେ ପୂର୍ତ୍ତି କରି ଥାଆନ୍ତି। ଶ୍ରୀକୃଷ୍ଣ ସ୍ୱୟଂ ହି ଆସ୍ୱାଦକ ଆଉ ସେ ହି ଆସ୍ୱାଦ୍ୟ ତତ୍ତ୍ୱ ..ଆଉ ଯେ ଆସ୍ୱାଦ, ସେ ଭି ସ୍ୱୟଂ କୃଷ୍ଣ! ତାଙ୍କୁ ଛାଡି ଆଉ କିଛିର ଅସ୍ତିତ୍ୱ ନାହିଁ:

**ଏକୋ ବ୍ରହ୍ମ ଦ୍ୱିତୀୟ ନାସ୍ତି || (ବ୍ରହ୍ମ ସୂତ୍ର)**
କେବଳ ଏକ ବ୍ରହ୍ମ, ଆଉ ତାଙ୍କୁ ଛାଡି ଆଉ କିଛି ବିଦ୍ୟମାନ ନୁହେଁ!

ତେବେ ଲଳିତା ସଖୀଙ୍କ ରୂପରେ ସ୍ୱୟଂ ରାଧାରାଣୀ ହି ଅଛନ୍ତି... କିନ୍ତୁ କୃଷ୍ଣଙ୍କର ଅସ୍ୱାଦନ ବର୍ଦ୍ଧନ ପାଇଁ ପ୍ରକୃତି ଭିନ୍ନ ଅଟେ।

ତେବେ ଲଳିତଙ୍କ ଭୟରୁ ରାଧାରାଣୀ ମାନ ଭଙ୍ଗ କରୁନାହାନ୍ତି। ମଞ୍ଜରୀ ଜାଣେ ଯେ ଠାକୁରଜୁ ମିଳନ ପାଇଁ ତତ୍ପର...ଆଉ ରାଧାରାଣୀ ବିରହ ଅଗ୍ନିରେ ପୀଡ଼ିତ... କିନ୍ତୁ ଯେବେ ପର୍ଯନ୍ତ ଲଳିତାସଖି ଗ୍ରୀନ ସିଗ୍ନାଲ ଦେବେ ନାହିଁ, ତାଙ୍କର ମିଳନ ଅସମ୍ଭବ.. ତେବେ ଆମେ ମଞ୍ଜରୀମାନେ ଲଳିତା ସଖୀଙ୍କର କୁଞ୍ଜକୁ ଗମନ କରନ୍ତି...ଆଉ ଲଳିତଜୁକୁ ଦେଖିକି କୁହନ୍ତି, "ହେ ଲଳିତେ! ଆପଣ ଏବେ ପର୍ଯନ୍ତ ଏହି କୁଞ୍ଜରେ ବସିଛନ୍ତି?" ଲଳିତଜୁ ପଚାରନ୍ତି, "କାହିଁକି? କଣ ହେଲା? କୁହ!" ତ ଆମେ କୁହନ୍ତି, "ଆପଣ ସ୍ୱାମିନିଜୁଙ୍କୁ ଆଦେଶ ଦେଇଛନ୍ତି ଯେ ଠାକୁରଜୁଙ୍କ ସାଙ୍ଗରେ ନ ମିଳନ୍ତୁ। ସେ ଦୁଇଜଣ କେତେ ତତ୍ପର ଅଛନ୍ତି..ଆଉ ସ୍ୱାମିନି ବିରହଜ୍ୱାଳାରେ ସଂଦଗ୍ଧ..ଆଉ ଆପଣ ଏହିଠି ଏକେଲା ବସିଛନ୍ତି! ଆପଣଙ୍କର ଗାରିମାକୁ ସମ୍ମାନ ଦେଇକିନି ସେ ଏବେ ପର୍ଯନ୍ତ ଠାକୁରଜୁଙ୍କ ସାଙ୍ଗରେ ମିଳି ବି ନାହାନ୍ତି...ଆପଣ କୃପୟା ତାଙ୍କୁ ମାନ-ଭଙ୍ଗର ଆଦେଶ କରନ୍ତୁ...ଶୀଘ୍ର କରନ୍ତୁ ତାକି ତାଙ୍କର ମିଳନ ହୋଇ ପାରେ।" ତେବେ ମଞ୍ଜରୀ ଏହି ପ୍ରକାରରେ ଶ୍ୟାମା-ଶ୍ୟାମଙ୍କର ମିଳନ ସମ୍ଭବ କରି ଥାଆନ୍ତି।

ଆମେ ଲଳିତା, ବିଶାଖା ଆଉ ରାଧାରାଣୀଙ୍କ ପୂଜା ବେଦି ଉପରେ କରନ୍ତି...ଆମକୁ ଜଣା ହେବା ଦରକାର ଯେ ଲଳିତସଖୀଙ୍କ ଭାବ କଣ, ତାଙ୍କର ରାଧାରାଣୀକ ସାଥିରେ କଣ ସମ୍ବନ୍ଧ, କେମିତି ସେ କୃଷ୍ଣଙ୍କ ସାଙ୍ଗରେ ବ୍ୟବହାର ରଖନ୍ତି..ତାହାଲେ ହି କେବଳ ଆମେ ଠିକ ଭାବରେ ଲଳିତା ଆଉ ରାଧାରାଣୀଙ୍କ ସେବା କରି ପାରିବା। ତେବେ ହି ଆମେ ଭକ୍ତିମାର୍ଗର ସହି ଲାଭ ନେଇ ପାରିବା। ଆମକୁ ଆଧାତ୍ମିକ ଜଗତର ରାଗଗତିବିଧିର ସମ୍ପୂର୍ଣ ଜ୍ଞାନ ହେବା ଦରକାର।

ଆମେ ସେବାକାଳେ କେତେ ଜିନିଷ ଅର୍ପିତ କରି ଥାଉ...ଏବେ ଆମେ ସ୍ୱାମିନିଜୁଙ୍କୁ ପାନ ଅର୍ପଣ କରନ୍ତି...ତ ତାଙ୍କର ଭାବାବେଶ କଣ? ଯେବେ ଆମେ ତାଙ୍କୁ ପାନ ଦିଅନ୍ତି ତେବେ କଣ ଆମେ କିଛି ଅଳେଇଚ-ଯାଇଫଳ ନିର୍ମିତ ସାଧାରଣ ପାନ ଦିଅନ୍ତି? ନା! ଏହିଟା ହୁଏ ନାହିଁ! ସେଇ ପାନ କୃଷ୍ଣଙ୍କର ମାଦକ ଅଧରାମୃତ ପୋଷିତ!

କେବେ କେବେ କଣ ହୁଏ, ଯେ...ରାଧାରାଣୀଙ୍କର କୃଷ୍ଣଙ୍କ ସାଙ୍ଗରେ ମିଳନ ସମାପ୍ତ ହୁଏ..ଆଉ ସ୍ୱାମିନି ସଖିମାନଙ୍କ ସାଙ୍ଗରେ କୃଷ୍ଣଙ୍କ ଚର୍ଚାରେ ନିମଗ୍ନ ହୋଇ ଯାଆନ୍ତି। କୃଷ୍ଣକଥା କିଏ କରେ? ସ୍ୱୟଂ ରାଧାରାଣୀ! କାହା ସାଙ୍ଗରେ? ସଖିମାନଙ୍କ ସାଙ୍ଗରେ... ତେବେ ଯାହା କିଛି ବି ସେ ଅସ୍ୱାଦନ କରିଲେ ତାହାର ପୁନରାସ୍ୱଦନ ପାଇଁ ସେ ପୁଣି ସଖିମାନଙ୍କ ସାଙ୍ଗରେ ହାସ-ପରିହାସ ଦ୍ୱାରା ଅସ୍ୱାଦନ କରନ୍ତି। ତେବେ ରାଧାରାଣୀ କୁଞ୍ଜବିଳାସର ଆନନ୍ଦ ସଖୀଙ୍କ ସାଙ୍ଗରେ ଅସ୍ୱାଦନ କରନ୍ତି। ସହସା, ମଞ୍ଜରୀ ପାନ-ସେବା କରନ୍ତି..ଆଉ ଏହି ମୁହୂର୍ତ୍ତରେ ଶ୍ରୀକୃଷ୍ଣ ଆଉ ପାନରେ କିଛି ଅନ୍ତର ରହେ ନାହିଁ।

ଯେଉଁ ପରିମାଣରେ କେହି କୃଷ୍ଣଙ୍କୁ ଭଲ ପାଏ, ତାହାର ଅନୁଭବ...ସେହି ପରିମାଣରେ ସେ କୃଷଙ୍କୁ ଅନୁଭବ କରେ। ଆଉ ଯାହାର ଯେତେ ପ୍ରେମ, ସେ ସେତେ ହି କୃଷ୍ଣପ୍ରସାଦର ଆନଂଦ ନିଏ।

ପାନ ହି ଶ୍ରୀକୃଷ୍ଣ...କିଛି ଭେଦ ନାହିଁ...ଟିକେ ଭାବନ୍ତୁ, ଅଗୋଚର, ଅପ୍ରାପ୍ୟ ଶ୍ରୀକୃଷ୍ଣ... ଯେମିତି ଭାବନ୍ତୁ ଯେ ଏକ ତରୁଣ ନିଜ ପ୍ରେମିକାକୁ ମିଳିବାର ପ୍ରୟାସ କରୁଛି...ଆଉ ବହୁତ ବାଧାଙ୍କୁ ପାର କରି ତାକୁ ମିଳିଛି... ତେବେ ତାକୁ କେମିତି ଲାଗିବ? ଆହା! ସେଇ ପରି...ସେ ଏବେ ହି କୃଷ୍ଣଙ୍କ ସାଙ୍ଗରେ କୁଞ୍ଜବିଳାସ କରିଛନ୍ତି...କିନ୍ତୁ ଦୁର୍ଲଭତା ଲାଗି...ସେ ଭୁଲି ଯାଆନ୍ତି ଯେ...

ପାନକୁ ଦେଖି ସେ ଭାବନ୍ତି ଯେ ସ୍ୱୟଂ କୃଷ୍ଣ ଆସି ଗଲେ...ସେ ପୂରା ଅଭିଭୂତ ହେଇ ପଡନ୍ତି ପାନକୁ ନିଜ ପାଖକୁ ଆସିବାର ଦେଖିକିନି...ସେ ପାନର ଗନ୍ଧରୁ ପୂର୍ଣରୂପେଣ ମୁଗ୍ଧ ହେଇ ପଡନ୍ତି ...ଆଉ ସଖି-ମଞ୍ଜରୀ ତାଙ୍କ ସାଙ୍ଗରେ ସେବା ପାଇଁ ଅଛନ୍ତି। ଆଉ ସେ ମାନେ କଣ ଦେଖନ୍ତି? ସେ ଦେଖନ୍ତୁ ଯେ ସ୍ୱମିନି ଏହିମିତି ଢଙ୍ଗରେ ବସି ଯାଆନ୍ତି ଯେମିତି ଠାକୁରଜୁଙ୍କର ପିଠି ତାଙ୍କ ପିଠିକୁ ଲାଗିଛି! ଆଉ ଏହି ମୁଦ୍ରାରେ ବିରାଜମାନ ହୋଇ କିଛି ମନ୍ଦ-ମନ୍ଦ କହୁଛନ୍ତି।

ଆଉ ଏହି ଲୀଳା କେବଳ ପାନ ଖାଇବା ପଶ୍ଚାତ ହୁଏ। ଆଉ ଆମେ ମଞ୍ଜରୀମାନେ ଏହାର ଭରପୁର ଅସ୍ୱାଦନ ନିଅନ୍ତି।

ସେଇଥି ଲାଗି କୁହା ଯାଏ ଯେ ଯେମିତି ହି ସାଧକ ରାଧାରାଣୀଙ୍କସାଙ୍ଗରେ ନିଜ ସମ୍ବନ୍ଧକୁ ଅନୁଭବ କରିବାକୁ ଲାଗି ଥାଏ, ତାକୁ ଏହି ଜଗତର ବାସ ଦୁଷ୍କର ଲାଗି ଥାଏ। ସେ କେବଳ ପ୍ରାର୍ଥନା ଉପରେ ପ୍ରାର୍ଥନା କରିଥାଏ, "କୃପା କରି ମୋତେ ନିଜ ସେବାରେ ଲଗାନ୍ତୁ! ମୋତେ ଏହି ସଂସାରରୁ ନେଇ ଯାଆନ୍ତୁ। ମୋତେ ଆଉ ଏଠି ରହିବାର ଇଛା ନାହିଁ। କୃପା କରି ମତେ ନେଇ ଯାଆନ୍ତୁ। ହେ ରାଧିକେ! ମୋତେ ନିଜ ସେବାରେ ନିମନ୍ତ୍ରିତ କରନ୍ତୁ!"

ରାଧାରାଣୀଙ୍କ ପାଇଁ ମମତା ଶ୍ରୀକୃଷ୍ଣଙ୍କ ସେବାଭାବ ପରି ନୁହେଁ... ସ୍ୱାମିନି ପାଇଁ ପ୍ରେମ ଅତିଶୟ ଅନୁରାଗ ଆଉ ସ୍ନେହ ପୂରିତ...ଅତିଶୟ ମମତା...

ମଞ୍ଜରୀ ଲାଡ଼ଲି ହୋଇ ଥାଏ...ଯେବେ ଶ୍ରୀକୃଷ୍ଣ ମୂର୍ଛିତ ହୋଇ ଯାଆନ୍ତି... କିମ୍ବା ରାଧା ଆଉ କୃଷ୍ଣ..ସେ ମଞ୍ଜରୀଙ୍କୁ ଖୋଜନ୍ତି। ତାଙ୍କର ଅନ୍ତରଙ୍ଗ ଗୋପନୀୟ ଲୀଳାରେ ସେ କାହାକୁ ଡାକି ପାରିବେ? ସେ ତାଙ୍କର ଲାଡ଼ଲି ମଞ୍ଜରୀଙ୍କୁ ହି ସ୍ମରଣ କରିବେ।

ତେବେ ଆପଣ ସନ୍ତମାନଙ୍କ କଲ୍ୟାଣ ପାଇଁ, ମୁଁ କରବଧ ଆପଣଙ୍କୁ ପ୍ରାର୍ଥନା କରୁଛି ଯେ ଆପଣ ବିଚାରକୁ ଭୌତିକ କରନ୍ତୁ ନାହିଁ...ସମ୍ବନ୍ଧରେ ଭୌତିକ ହେବା ବନ୍ଦ କରି ଦିଅନ୍ତୁ...ଠିକ ଅଛି?

ଆମେ ଦୀକ୍ଷା ସମୟରେ କୃଷ୍ଣଙ୍କ ସାଙ୍ଗରେ ସମ୍ବନ୍ଧ ଗଢ଼ି ନିୟନ୍ତି..କୃଷ୍ଣଙ୍କ ସାଙ୍ଗରେ, ରାଧାରାଣୀଙ୍କ ସାଙ୍ଗରେ, ଗୁରୁ ମଞ୍ଜରୀଙ୍କ ସାଙ୍ଗରେ...ଦୀକ୍ଷାକାଳରେ ହି! ଦୀକ୍ଷା ନେବା ହରେ-କୃଷ୍ଣର ଜପ କରିବା ଲୋକଙ୍କ ପାଇଁ ପ୍ରାଥମିକ କାର୍ଯ୍ୟ ଅଟେ...ଆଉ ଦୀକ୍ଷା କେବଳ ୫୦୦ ବର୍ଷୀୟ ପୁରାତନ୍ ଶ୍ରୀମନମହାପ୍ରଭୁଙ୍କ ଠାରୁ ଆସିବା ପରିବାରରେ ହି ନେବା ଦରକାର। ଅନ୍ୟଥା ଆପଣ କିଛି ବି ବୁଝି ପାରିବେ ନାହିଁ, କିଛି ବି ଅସ୍ୱାଦନ କରି ପାରିବେ ନାହିଁ।

ମୋର ଆଶା ଯେ ଆଜି ରାଧାଷ୍ଟମୀର ଉପଦେଶ ପରେ ଆପଣଙ୍କର ଜୀବନରେ ଲାଭ ହେବ ଆଉ ଆପଣଙ୍କର ସମ୍ବନ୍ଧ ରାଧାରାଣୀ, ଶ୍ରୀକୃଷ୍ଣ, ଲଳିତା, ବିଶାଖା ଆଉ ଗୁରୁମଞ୍ଜରୀଙ୍କ ଆଡୁକୁ ସଘନ ହୋଇ ଯାଉ।

ଜୟ ଶ୍ରୀରାଧେ!